
## ସଂକ୍ଷେପରେ

### ୧୦ ପଜିଟିଭ୍, ୨୩ ସୁସ୍ଥ



ଢେଙ୍କାନାଳ ଅଫିସ, ୧୭।୨
ଢେଙ୍କାନାଳ ଜିଲାରୁ ଗୁରୁବାର ୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୩ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଓଡ଼ାପଡ଼ା ବ୍ଲକରୁ ୩, ହିନ୍ଦୋଳ ଏନ୍ଏସିରୁ ୨, ପରଜଙ୍ଗରୁ ୧, କଙ୍କଡ଼ାହାଡ଼ରୁ ୧, କାମାକ୍ଷାନଗରରୁ ୧, ଭୁବନରୁ ୧ ଓ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ସେହିପରି ଆଉ ୨ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ପରେ ମୋଟ କୋଭିଡ୍‌ଜନିତ ମୃତକଙ୍କ ସଂଖ୍ୟା ୧୬୨ ହୋଇଛି। ଜିଲାରେ ଏବେ ୧୪୭ ସଂକ୍ରମିତ ଚିକିତ୍ସାଧୀନ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଅନୁଗୋଳରେ ୧୪ ପଜିଟିଭ୍

ଅନୁଗୋଳ ଅଫିସ, ୧୭।୨
ଅନୁଗୋଳ ଜିଲାରୁ ଗୁରୁବାର ୧୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୮ ହଜାର ୩୦୮ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୫, ଅନୁଗୋଳ ବ୍ଲକରୁ ୩, ପାଲଲହଡା ବ୍ଲକରୁ ୩, ବଣ୍ଡାରପାଳ ବ୍ଲକରୁ ୨ ଏବଂ ଓ ତାଳଚେର ପୌରାଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଜିଲାରୁ ଦିନକରେ ୭୪ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

### ଗଛରେ ପିଟିହେଲା ବାଇକ୍, ଯୁବକ ଗୁରୁତର

ଛେଣ୍ଡିପଦା, ୧୭।୨(ସ୍ୱ.ପ୍ର)
ଛେଣ୍ଡିପଦା ଥାନା ଦମକଳ କେନ୍ଦ୍ର ନିକଟରେ ଗୁରୁବାର ଏକ ବାଇକ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଛେଣ୍ଡିପଦା ଗ୍ରାମର ରଣଜିତ ଦଳେଇଙ୍କ ପୁଅ ଅଜୁ ଦଳେଇ ଗୁରୁତର ହୋଇଛନ୍ତି। ଅଜୁ ଛେଣ୍ଡିପଦା ବ୍ଲକ ଛକରୁ ବାଇକ୍‌ରେ ଡାହିବର ଗ୍ରାମକୁ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କୋଇଲା ୱାଗନରେ ନିଆଁ



ଅନୁଗୋଳ ଅଫିସ୍, ୧୭।୨
ଅନୁଗୋଳ ଷ୍ଟେଶନରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରେନର ଏକ ୱାଗନରେ ଗୁରୁବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଖବରପାଇ ଅନୁଗୋଳ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଅଧିକ ଉତ୍ତାପ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଉକ୍ତ କୋଇଲା ବୋଝେଇ ଟ୍ରେନ୍ ତାଳଚେରରୁ ନାଲ୍‌କୋ ଅଭିମୁଖେ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବଇଣ୍ଡା, ୧୭।୨(ଡି.ଏନ.ଏ.)
କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ଅଶ୍ରୁବାହାଳ ଗ୍ରାମରେ ଗୁରୁବାର ଟିପିସିଓଡିଏଲ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସୌଭାଗ୍ୟ କୁମାର ପଣ୍ଡା ଯୋଗଦେଇ ୬୪ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ବିନା ଦେୟରେ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ରଜନୀ ପ୍ରଧାନ, ସୁଶୀଲ କୁମାର ସାହୁ, ବିକାଶ ମୂଳିଆ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସଦର, ଓଡ଼ାପଡ଼ା ବ୍ଲକରେ ଭୋଟ ଆଜି



■୮୧୮ ବୁଥରେ ମତ ସାବ୍ୟସ୍ତ କରିବେ ୨.୨୮ଲକ୍ଷ ଭୋଟର
■୨୯ ଜିଲା ପରିଷଦ, ୨୯୨ ସରପଞ୍ଚ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଢେଙ୍କାନାଳ ଅଫିସ, ୧୭।୨

ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଅନୁଷ୍ଠିତ ହେଉଛି। ଏଥିଲାଗି ପୋଲିଂ ବୁଥ୍‌ରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ବ୍ଲକର ୮୧୮ ବୁଥ୍‌ରେ ୨ ଲକ୍ଷ ୨୮ ହଜାର ୫୮୯ ଭୋଟର ମତଦାନ ସାବ୍ୟସ୍ତ କରିବେ। ୭ ଜିଲା ପରିଷଦ ଆସନରେ ୨୯ ପ୍ରାର୍ଥୀ, ୫୮ ପଞ୍ଚାୟତର ୨୯୨ ସରପଞ୍ଚ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କେତେକ ସ୍ଥାନରେ ବିଶୃଙ୍ଖଳା ଦେଖାଦେଇଥିବାବେଳେ ଏହାକୁ ନେଇ ସଜାଗ ହୋଇଉଠିଛି ପୋଲିସ ପ୍ରଶାସନ। ସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ଉପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବାବେଳେ ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

ଢେଙ୍କାନାଳ ସଦର ବ୍ଲକରେ ୪ ଜିଲା ପରିଷଦ ଆସନ ଲାଗି ୧୭ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଏହିକ୍ରମରେ ୩୦ ପଞ୍ଚାୟତରେ ୧୭୨ ସରପଞ୍ଚ, ୧୪୩ ସମିତିସଭ୍ୟ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେହିପରି ୩୯୯ ୱାର୍ଡରେ ୫୦୩ ଜଣ ୱାର୍ଡସଭ୍ୟ ରହିଛନ୍ତି। ମୋଟ ୧ ଲକ୍ଷ ୧୮ ହଜାର ୨୬୯ ଭୋଟର ସେମାନଙ୍କ ବହୁମୂଲ୍ୟ ମତ ସାବ୍ୟସ୍ତ କରିବେ। ସଦର ବ୍ଲକର ୬୪ ବୁଥ୍‌କୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ମତଦାନ କେନ୍ଦ୍ରଗୁଡ଼ିକରେ ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଛି। ସେଠାରେ ଜଣେ ଲେଖାଏ କନଷ୍ଟେବଳ, ହାବିଲଦାର, ହୋମଗାର୍ଡ, ଫରେଷ୍ଟ ଗାର୍ଡଙ୍କୁ ମୁତୟନ କରାଯାଇଛି। ବଳଦିଆବନ୍ଧ ପଞ୍ଚାୟତରେ ମହିଳାଙ୍କ ପାଇଁ ୨ଟି ପିଙ୍କ୍ ବୁଥ କରାଯାଇଛି। ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ଭୋଟ ଗ୍ରହଣ ହେବ। ସେହିପରି ଓଡ଼ାପଡ଼ା ବ୍ଲକର ୩ ଜିଲା ପରିଷଦ ଜୋନ୍‌ରେ ୧୨ ଆଶାୟୀ, ୨୮ ପଞ୍ଚାୟତ ୧୨୦ ସରପଞ୍ଚ ଏବଂ ୧୧୪ ସମିତିସଭ୍ୟ ପ୍ରାର୍ଥୀ ରହିଛନ୍ତି। ୪୧୯ ୱାର୍ଡ ପାଇଁ ୫୩୧ ୱାର୍ଡସଭ୍ୟ ନିର୍ବାଚନ ଲଢୁଛନ୍ତି। ମୋଟ ୧ ଲକ୍ଷ ୧୦ ହଜାର ୩୨୦ ଭୋଟର ମତଦାନ କରିବେ। ବ୍ଲକର ୫୧ ଉତ୍ତେଜନାପ୍ରବଣ ବୁଥ ଚିହ୍ନଟ ହୋଇଛି। ବାଙ୍ଗୁରୁସିଂ ପଞ୍ଚାୟତରେ ମହିଳାଙ୍କ ଲାଗି ପିଙ୍କ୍ ବୁଥ୍ କରାଯାଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଓଡ଼ାପଡ଼ା ଓ ଢେଙ୍କାନାଳ ସଦର ବ୍ଲକରେ ସମସ୍ତ ପ୍ରସ୍ତୁତି ସରିଛି। ପୋଲିଂ ପାର୍ଟିମାନେ ସୁରକ୍ଷିତ ଭାବେ ବୁଥ୍‌ରେ ପହଞ୍ଚିଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ ପ୍ରକ୍ରିୟା କରାଯିବା ଲାଗି ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ନିର୍ଦ୍ଧାରଣ ହେବ ୧୦୧୧ ପ୍ରାର୍ଥୀଙ୍କ ଭାଗ୍ୟ

ଛେଣ୍ଡିପଦା ବ୍ଲକ



ଛେଣ୍ଡିପଦା, ୧୭।୨(ସ୍ୱ.ପ୍ର.)

ଅନୁଗୋଳ ଜିଲାର ଛେଣ୍ଡିପଦା ଏବଂ କଣିହାଁ ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ଆବଶ୍ୟକ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିସାରିଥିବାବେଳେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ସମସ୍ତ ବଳ ଲଗାଇଦେଇଛି ପ୍ରଶାସନ।

ଜିଲାର ଅନ୍ୟତମ ରାଜନୈତିକ ପ୍ରାଣକେନ୍ଦ୍ର ଛେଣ୍ଡିପଦା ବ୍ଲକର ୪ ଜୋନ୍‌ରେ ୧୪ ଜିଲା ପରିଷଦ ପଦବୀ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୩୪ ପଞ୍ଚାୟତରେ ୯୯ ସରପଞ୍ଚ ପ୍ରାର୍ଥୀ, ୮୧ ସମିତିସଭ୍ୟ ପ୍ରାର୍ଥୀ ଏବଂ ୮୧୭ ୱାର୍ଡସଭ୍ୟ ନିର୍ବାଚନ ଲଢୁଛନ୍ତି। ୧ଲକ୍ଷ ୨୬ହଜାର ୩୭୯ଭୋଟର ୧୦୧୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିଲାଗି ୪୩୨ ବୁଥ୍ କରାଯାଇଥିବାବେଳେ ମୋଟ୍ ୧,୭୨୮ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏତଦ୍‌ବ୍ୟତୀତ ୩୪ ସେକ୍ଟର ଅଫିସର, ୪ ରିଜର୍ଭ ଅଫିସର, ୪ ଜୋନାଲ ଅଫିସର ମଧ୍ୟ ନିୟୋଜିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଏସଡିପିଓ, ୬ ଇନ୍ସପେକ୍ଟରଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ପୂର୍ବାହ୍ନରେ ଛେଣ୍ଡିପଦାସ୍ଥିତ ବାପୁଜୀ ମହାବିଦ୍ୟାଳୟ ପରିସରରୁ ପୁଲିଂ ପାର୍ଟି ବାହାରି ଗନ୍ତବ୍ୟ ସ୍ଥଳରେ ପହଞ୍ଚି ସାରିଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ପଦବୀଗୁଡ଼ିକରେ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ କଡ଼ା ମୁକାବିଲା ହେଉଛି। ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ଭୋଟଗ୍ରହଣ ହେବ। ଏହାପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟ ବକ୍ସଗୁଡ଼ିକୁ ସିଲ୍ କରାଯାଇ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିବା ଷ୍ଟ୍ରଙ୍ଗ ରୁମରେ ରଖାଯିବ।

## ସାପଘରା ପଞ୍ଚାୟତରେ ନିର୍ବାଚନୀ ହିଂସା

ବଇଣ୍ଡା, ୧୭।୨(ଡି.ଏନ.ଏ.)
ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତରେ ରାଜନୈତିକ ଶତ୍ରୁତାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟ ଗୋଷ୍ଠୀର ଅଭିଯୋଗକ୍ରମେ ପୃଥକ୍ ମାମଲା ରୁଜୁ ହୋଇଛି। ବନ୍ଥୁଲ ଗ୍ରାମ ସଭାପତି ବସନ୍ତ ପ୍ରଧାନ ଅଭିଯୋଗ କରିଛନ୍ତି, ବୁଧବାର ରାତିରେ ସେ ନାମକୀର୍ତ୍ତନ ଦେଖି ଫେରୁଥିଲେ। ଏହି ସମୟରେ ନିର୍ବାଚନ ପ୍ରଚାରକୁ କେନ୍ଦ୍ରକରି ଗ୍ରାମର ଅଶୋକ ପ୍ରଧାନ, ଜିତେନ୍ଦ୍ର ସାହୁ ଏବଂ ସିଲୁ ସାହୁ ତାଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିଥିଲେ। ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ସେହିପରି ସରପଞ୍ଚ ପ୍ରାର୍ଥୀ ତଥା ଡୁମୁରସିଙ୍ଗା ଗ୍ରାମର କୈଳାସ ଚନ୍ଦ୍ର ସାହୁ ପାଲଟା ଅଭିଯୋଗ କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ବନ୍ଥୁଲ ଗ୍ରାମରେ ପ୍ରଚାର ସାରି ଫେରୁଥିବାବେଳେ ବସନ୍ତ, ତାଙ୍କ ସହଯୋଗୀ ଲିଙ୍କନ ସେଠୀ, ଗୋଲେଖ ସେଠୀ, ରଞ୍ଜିତ ସେଠୀ, ଡମ୍ବୁର ସେଠୀ, ରୁଦ୍ରନାରାୟଣ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, କୁନା ପ୍ରଧାନ, ଦୀପକ ପ୍ରଧାନ, କରେନ ପ୍ରଧାନ ପ୍ରମୁଖ ମିଳିତ ଭାବେ ଆକ୍ରମଣ କରିଥିଲେ। ଉଭୟ ପକ୍ଷରୁ ଏତଲାକୁ ଭିତ୍ତିକରି ଘଟଣାର ତଦନ୍ତ କରାଯାଉଥିବା ଠାକୁରଗଡ଼ ଥାନା ଆଇଆଇସି ପୀତାମ୍ବର ମଲ୍ଲିକ ସୂଚନା ଦେଇଛନ୍ତି।

## ପର୍ଯ୍ୟବେକ୍ଷକଙ୍କ ଖର୍ଚ୍ଚ ସମୀକ୍ଷା



ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୧୭।୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ଏବଂ ପରଜଙ୍ଗ ବ୍ଲକର ପଞ୍ଚାୟତ ନିର୍ବାଚନରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀଙ୍କ ଖର୍ଚ୍ଚ ସମୀକ୍ଷା କରିଛନ୍ତି ପର୍ଯ୍ୟବେକ୍ଷକ ଦୟାନିଧି ନାୟକ। ଉଭୟ ବ୍ଲକରେ ଜିଲା ପରିଷଦ, ସମିତିସଭ୍ୟ ଏବଂ ସରପଞ୍ଚ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସେମାନଙ୍କ ଖର୍ଚ୍ଚ ହିସାବ ଦେଇଥିଲେ। ନିର୍ବାଚନ ପରିଚାଳନାରେ ହେଉଥିବା ଖର୍ଚ୍ଚର ପୂର୍ଣ୍ଣାଙ୍ଗ ବିବରଣୀ ଦେବା, ନିୟମିତ ଖର୍ଚ୍ଚ ଲେଖିବାକୁ ପର୍ଯ୍ୟବେକ୍ଷକ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଉଭୟ ବ୍ଲକର ବିତ୍ତ ଅଧିକାରୀଙ୍କ ସମେତ ବ୍ଲକସ୍ତରୀୟ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ‘ସୁମିଳନ’ରେ କର୍ମଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୧୭।୨

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ କାରଖାନା ପରିସରରେ ଗୁରୁବାର ଭେଣ୍ଡର ସହଯୋଗୀଙ୍କ ନିରାପତ୍ତା ସମ୍ମିଳନୀ ‘ସୁମିଳନ’ ଆୟୋଜିତ ହୋଇଛି। କମ୍ପାନୀ ଅପରେଶନ ବିଭାଗ ଉପସଭାପତି ସୁବୋଧ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କାରଖାନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସୁରକ୍ଷା ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ନିରାପତ୍ତା ଉତ୍କର୍ଷ ଯାତ୍ରାରେ ସମାନ ଭାଗୀଦାର ଭାବେ ସେମାନେ ମଧ୍ୟ କାର୍ଯ୍ୟସ୍ଥଳରେ ସମସ୍ତ ନିରାପତ୍ତା ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ଏଥିସହ ନିରାପତ୍ତା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ଭେଣ୍ଡର ସହଯୋଗୀ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଟାଟାଷ୍ଟିଲ୍ ନିରାପତ୍ତା ବିଭାଗ ମୁଖ୍ୟ ନିରଜ କୁମାର ସିହ୍ନା, ଲଜିଷ୍ଟିକ୍ ବିଭାଗ ମୁଖ୍ୟ ସୁବ୍ରତ ବୈଶାକ୍, ଅନ୍ୟତମ ନିରାପତ୍ତା ବିଭାଗ ମୁଖ୍ୟ ଅଗମ୍ କୁମାର, ଆଇରନ ମେକିଂ ବିଭାଗ ମୁଖ୍ୟ ଅମିତ କୁମାର ସିଂଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ, ଭେଣ୍ଡର ସହଯୋଗୀ ଉପସ୍ଥିତ ଥିଲେ।

ନିରାପତ୍ତା ଉତ୍କର୍ଷ ଯାତ୍ରାରେ ଭେଣ୍ଡର ସହଯୋଗୀଙ୍କୁ ସାମିଲ କରିବା ‘ସୁମିଳନ’ର ପ୍ରମୁଖ ଉଦ୍ଦେଶ୍ୟ। ଏହି ପ୍ରଥମ ସଂସ୍କରଣ କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ୩୫ ଭେଣ୍ଡର ସହଯୋଗୀଙ୍କ ୯୦ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସୁରକ୍ଷା ପଦକ୍ଷେପ, ନିରାପତ୍ତା ସମ୍ପର୍କିତ କ୍ଷୁଦ୍ର ମଡେଲ, ବ୍ୟଙ୍ଗ ନାଟକ ଆଦି ପ୍ରଦର୍ଶିତ ହୋଇଥିଲା। ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଗ୍ରହଣ କରାଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନକାରୀ ଭେଣ୍ଡର ‘କାଇଜେନ୍ସ’ ଏବଂ ସୁରକ୍ଷିତ ଚାଳକଙ୍କ ମଧ୍ୟରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

## ୨୦ରେ ‘ପ୍ରୀତିର ପ୍ରୟାସ’ ସଂସ୍କରଣ ଉନ୍ମୋଚନ

ହିନ୍ଦୋଳ, ୧୭।୨(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ସଦର ମହକୁମାରୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ଅର୍ଦ୍ଧବାର୍ଷିକ ଆଧ୍ୟାତ୍ମିକ ପତ୍ରିକା ‘ପ୍ରୀତିର ପ୍ରୟାସ’ର ୧୬ଶ ସଂସ୍କରଣ ଉନ୍ମୋଚନ ସମାରୋହ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ହାତୁରା ଶିବ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ନେଇ ପତ୍ରିକା ପ୍ରତିନିଧି ସମ୍ପାଦକ ଆଇନଜୀବୀ ଅଭୟ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପଣ୍ଡିତ ବାଇଧର ନାଥ, ମୁଖ୍ୟ ଅତିଥି ଇଂ. ଫକୀର ମୋହନ ସାହୁ ଏବଂ ମୁଖ୍ୟବକ୍ତା ଭାବେ ଅବନୀ କୁମାର ମିଶ୍ର ଯୋଗଦେବେ। ୨୦୨୨–୨୩ ବର୍ଷ ପାଇଁ ଡାକ୍ତର ରବିନାରାୟଣ ପଣ୍ଡାଙ୍କୁ ‘କୌସ୍ତୁଭ ମଣି ସମ୍ମାନ’, ଅବନୀ କୁମାର ମିଶ୍ରଙ୍କୁ ‘ପଞ୍ଚଜନ୍ୟ ସମ୍ମାନ’, ସୁଧାକର ମହାପାତ୍ରଙ୍କୁ ‘ଶମ୍ଭୁତୀର୍ଥ ସମ୍ମାନ’, ଅନୁପମା ପ୍ରଧାନ ଓ ସୁକାନ୍ତି ରାଉତଙ୍କୁ ‘ପ୍ରୀତିର ପ୍ରୟାସ ସମ୍ମାନ’, ବିମଳ ବିଶ୍ୱାଳ ଓ ସୀମା ମହାପାତ୍ରଙ୍କୁ ‘ଭଗୀରଥ ଯୁବପ୍ରତିଭା ସମ୍ମାନ’, ସାଇଜିଜ୍ଞାସା ବାରିକ ଏବଂ ପ୍ରତ୍ୟୁଷା ପ୍ରିୟଦର୍ଶିନୀଙ୍କୁ ‘ଭାରତୀ ପ୍ରତିଭା ସମ୍ମାନ’ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଆଧ୍ୟାତ୍ମିକପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମ୍ପାଦକ ନିବେଦନ କରିଛନ୍ତି।




## ପ୍ରଦୂଷଣ ବଢ଼ାଉଛି ଫ୍ଲାଇ ଆଶ୍

### ଜିଲାପାଳଙ୍କୁ ଫେରାଦ ହେଲେ ସାନହୁଲାବାସୀ



ପାଉଁଶ ଉଡ଼ି ଧୂମମୟ ପରିବେଶ।

ବଇଣ୍ଡା, ୧୭।୨(ଡି.ଏନ.ଏ.)
ଅନୁଗୋଳ ଜିଲା ବଇଣ୍ଡା–ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ସାନହୁଲା ନିକଟରେ ଥିବା ଏକ ବେସରକାରୀ ଜମିରେ ଗଦା କରି ରଖାଯାଇଥିବା ଫ୍ଲାଇ ଆଶ ପ୍ରଦୂଷଣ ବଢ଼ାଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଉକ୍ତ ପାଉଁଶ ଗଦାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ବେସରକାରୀ ଜମିରେ ନାଲ୍‌କୋରୁ ନିର୍ଗତ ଫ୍ଲାଇ ଆଶ ଆଣି ଗଚ୍ଛିତ କରି ରଖାଯାଇଛି। ସାମାନ୍ୟ ପବନରେ ଉକ୍ତ ପାଉଁଶ ଉଡ଼ି ଯାତାୟାତରେ ବ୍ୟାଘାତ ସୃଷ୍ଟି କରୁଛି। ପରିବେଶ ଧୂମମୟ ହୋଇଯାଉଛି। ଏହାଦ୍ୱାରା ଆଖପାଖ ଅଞ୍ଚଳରେ ହେଉଥିବା ଚାଷ ଉଜୁଡ଼ିଗଲାଣି। ଚାଷୀମାନେ ବ୍ୟାପକ କ୍ଷତି ସହୁଛନ୍ତି। ତେଣୁ ଏହାର ତୁରନ୍ତ ପ୍ରତିକାର କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ବୁଥ୍ ଦଖଲ ଘଟଣାରେ ୬ ଗିରଫ




ଅଭିଯୁକ୍ତମାନେ ବୋଲେରୋ ଭଙ୍ଗାରୁଜା କରିଛନ୍ତି।

ଢେଙ୍କାନାଳ ଅଫିସ, ୧୭।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ବୁଥ୍ ଜବରଦଖଲ ମାମଲାରେ ପୋଲିସ ଦୁଇଗୋଷ୍ଠୀର ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନିହଲପ୍ରସାଦର ସିଲୁ ସାହୁ, ମାନସ ସାହୁ, ସୁଧାଂଶୁ ଧଳ, ସନ୍ଦୀପ ଜେନା, ଅବନ୍ତୀ ଜେନା ଓ ବସନ୍ତ ସାହୁ। ସେହିପରି ୧୧ନଂ. ବୁଥ୍‌ରୁ ଲୁଟ୍ ହୋଇଥିବା ଗୋଟିଏ ବାଲଟ୍ ବକ୍ସକୁ ସ୍ଥାନୀୟ କୂଅରୁ ପୋଲିସ ଜବତ କରିଛି। ଅବନ୍ତୀ ବୁଥ୍‌ରୁ ଭୋଟ ବାକ୍ସ ଉଠାଇ ନେଇଥିବା ସ୍ପଷ୍ଟ ହୋଇଛି। ଏ ନେଇ ନଂ. ୫୮/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ସଦର ଏସ୍‌ଡିପିଓ ବିକାଶ ଚନ୍ଦ୍ର ବେଉରା ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପଟେ ୨, ୬, ୭ ଏବଂ ୧୧ନଂ. ବୁଥ ଜବରଦଖଲ ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ ରାଜ୍ୟ ନିର୍ବାଚନ କମିଶନଙ୍କୁ ଜଣାଇଛନ୍ତି। ଫଳରେ ସମ୍ପୃକ୍ତ ୪ ବୁଥ୍‌ରେ ପୁନଃ ମତଦାନ ହେବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ନିହଲପ୍ରସାଦ ପଞ୍ଚାୟତରେ ରାଜନୈତିକ ହିଂସାକାଣ୍ଡ ଘଟିଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ଭୋଟ ଗ୍ରହଣ କେନ୍ଦ୍ରରେ ବିବାଦୀୟ ପରିସ୍ଥିତି ଉଗ୍ରରୂପ ନେଇଥିଲା। ପରବର୍ତ୍ତୀ ସମୟରେ ୨, ୬, ୭ ଓ ୧୧ନଂ. ବୁଥ୍‌କୁ ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଆକ୍ରମଣରେ ୧୧ନଂ. ବୁଥ୍‌ର ପୋଲିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳ ଆହତ ହୋଇଥିଲେ। ଏଥିସହ ଭୋଟ କେନ୍ଦ୍ର ପରିସରରେ ଥିବା ବୋଲେରୋ ଏବଂ ବାଇକକୁ ଭଙ୍ଗାରୁଜା କରାଯାଇଥିଲା। ଏଭଳି ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟରେ ଅଭିଯୁକ୍ତ ଅବନ୍ତୀ ଗୋଟିଏ ଭୋଟ ବକ୍ସକୁ ବୁଥ୍‌ରୁ ଉଠାଇ ନେଇ କୂଅରେ ଫିଙ୍ଗି ଦେଇଥିଲେ।

### କୂଅରୁ ମିଳିଲା ବାଲଟ ବାକ୍ସ

ନିହଲପ୍ରସାଦ ଏକ ସମ୍ବେଦନଶୀଳ ପଞ୍ଚାୟତ ଭାବେ ପରିଗଣିତ। ୨୦୧୭କୁ ବାଦ୍‌ଦେଲେ ପ୍ରାୟ ଅଧିକାଂଶ ନିର୍ବାଚନରେ ଏଠାକାର ବୁଥ୍‌ଗୁଡ଼ିକରେ ହିଂସାକାଣ୍ଡ ଘଟିଥିବା ନଜିର ରହିଛି। ଏଭଳି ସ୍ପର୍ଶକାତର ପଞ୍ଚାୟତରେ ପୋଲିସ ପ୍ରଶାସନ ପକ୍ଷରୁ ସେଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ତେଣୁ ମତଦାନ ବେଳେ ଏଭଳି ହିଂସାକାଣ୍ଡ ଘଟିଥିବା ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଘଟଣା ସମ୍ପର୍କରେ ପଦସ୍ଥ ପୋଲିସ ଅଧିକାରୀ ମୁହଁ ଖୋଲୁ ନ ଥିବାବେଳେ ସେମାନଙ୍କ ଉପରେ ଚାପ ପଡୁଥିବା ଏବଂ ତଦନ୍ତ ପ୍ରଭାବିତ ହେବା ଆଶଙ୍କା ଥିବା ଚର୍ଚ୍ଚା ହେଉଛି। ବୁଥ୍ ଜବରଦଖଲ ଏବଂ ଭୋଟ ବାକ୍ସ ଉଠାଇ ନେଉଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଭଳି ଏକ ସ୍ପର୍ଶକାତର ଘଟଣାରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

